୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Saturday November 08 | ଭୁବନେଶ୍ୱର ଶନିବାର, ୦୮, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ଅଚ୍ୟୁତ ସାମନ୍ତଙ୍କୁ ଏସଆରଏମ ବିଶ୍ୱବିଦ୍ୟାଳୟରୁ ୬୯ତମ ସମ୍ମାନସୂଚକ ଡକ୍ଟରେଟ୍

ଭୁବନେଶ୍ୱର, (ପି.ଏନ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏସଆରଏମ ବିଶ୍ୱବିଦ୍ୟାଳୟ, ସୋନିପତ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । ଏସଆରଏମ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବ ଅବସରରେ ଶୁକ୍ରବାର ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୯ ତମ ସମ୍ମାନସୂଚକ ଡକ୍ଟରେଟ୍ । ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏସଆରଏମ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିପତି ଡ. ଟି. ଆର. ପାରିଭିନ୍ଦର, କୁଳପତି ପ୍ରଫେସର ପରମଜିତ ଜୟସ୍ୱାଲ ଓ କୁଳସଚିବ ପ୍ରଫେସର ଭି ସାମୁଏଲ ରାଜଙ୍କ ଉପସ୍ଥିତିରେ ଭାରତର ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଏଥିପାଇଁ ଏସଆରଏମ ବିଶ୍ୱବିଦ୍ୟାଳୟ,



ସୋନିପତର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ଶ୍ରୀ ସମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତି ନେଇଥିଲେ । ଏସଆରଏମ ବିଶ୍ୱବିଦ୍ୟାଳୟ ଏହାର ପ୍ରଶଂସାପତ୍ରରେ ଶ୍ରୀ ସାମନ୍ତଙ୍କୁ ତାଙ୍କର ଶିକ୍ଷା ଜରିଆରେ ସେବା ଓ ମାନବିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରାଯାଇଛି । ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତ ଏସଆରଏମ ବିଶ୍ୱବିଦ୍ୟାଳୟ, ସୋନିପତ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି । ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ।

## ଦୁର୍ଘଟଣା ଓ ସୁରକ୍ଷା ଉପରେ ସାମୁଦାୟିକ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପି.ଏନ): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ କାରଖାନା ବିଷ୍ପିତ୍ର ନିର୍ଦ୍ଦେଶାଳୟ ମିଳିତ ସହଯୋଗରେ କାରଖାନା ଜନିତ ଦୁର୍ଘଟଣା ଓ ସୁରକ୍ଷା ଉପରେ ସାମୁଦାୟିକ ସଚେତନତା କାର୍ଯ୍ୟକ୍ରମ ପଟିଆ ସ୍ଥିତ ଏକ ଘରୋଇ ହୋଟେଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚନ୍ଦକା ଶିଳ୍ପା ଳର ୪ ଟି କାରଖାନା ଇଫ୍‌କୋ, ସାବିରୀ ଏକ୍ସପୋର୍ଟ, ସିମ୍ପୋ କ୍ସେପୋର୍ଟ, ଭୀମରାଜ ଫର୍ଜନ ଫୁଡସ୍‌ର ଅଧିକାରୀ ଓ କର୍ମଚାରୀମାନେ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ କାରଖାନା ବିଷ୍ପିତ୍ର ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଅବନୀ କାନ୍ତ ନାୟକ ଯୋଗଦେଇ ଆମୋନିଆ ଗ୍ୟାସ୍ ରକ୍ଷଣାବେକ୍ଷଣ, ସୁରକ୍ଷା ଓ




ଦୁର୍ଘଟଣା ଜନିତ ସତର୍କତା ଉପରେ ଆଲୋକପାତ କରିଥିଲେ । ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ ଆମୋନିଆ ଗ୍ୟାସ୍ ଦୁର୍ଘଟଣାରୁ ରକ୍ଷା କରିବାର କୌଶଳ ଶିଖାଇବା ସହିତ ଆବଶ୍ୟକୀୟ ଯନ୍ତ୍ରପାତି ଓ ତାହାର ବ୍ୟବହାର ସମ୍ପର୍କରେ କହିଥିଲେ । ଫାଲ୍‌କନ୍ ପରିଚାଳକ ଆଶୁତୋଷ ଦାସ ଅଧ୍ୟକ୍ଷତା କରି କହିଥିଲେ ଫାଲକନ୍ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏ ବାବଦରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କ ସହ ବୈଠକ କରାଯାଇ ସତର୍କ ଏବଂ ସଚେତନ କରାଯାଉଛି । ସୁରକ୍ଷା ଜନିତ ସମସ୍ତ ଯନ୍ତ୍ରପାତି ପ୍ରସ୍ତୁତ ରହିଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବିଭିନ୍ନ ସଂଗଠନ, ସ୍କୁଲ, କଲେଜର ମୁଖ୍ୟ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ ।

## କଳିଙ୍ଗ ବାଲିଯାତ୍ରା-୨୦୨୫ ସାଇକେଲ / କାର ଷ୍ଟାଣ୍ଡ ପରିଚାଳକଙ୍କ ଦବଙ୍ଗଗିରି କଲୋନୀବାସୀ ହନ୍ତସନ୍ତ

ପାରାଦୀପ,(ପି.ଏନ): ଚଳିତ ବର୍ଷ କଳିଙ୍ଗ ବାଲିଯାତ୍ରା ନିମନ୍ତେ ଆୟୋଜକଙ୍କ ପକ୍ଷରୁ ସାଇକେଲ ଓ କାର ପାର୍କିଙ୍ଗ ନିମନ୍ତେ ଟେଣ୍ଡର କରାଯାଇଥିଲା । ଏହି ଦୁଇ ଷ୍ଟାଣ୍ଡ ନିମନ୍ତେ କିଛି ଯୁବକ ଦାୟିତ୍ୱରେ ଅଛନ୍ତି । ସେମାନଙ୍କ ଦବଙ୍ଗଗିରିରେ କଲୋନୀକୁ ଯାଉଥିବା କଲୋନୀବାସୀ ହନ୍ତସନ୍ତ ହେଲେଣି । ବଡପଡିଆ ଥାନା ଛକରୁ ମେରାଇନ୍ ଡ୍ରାଇଭ୍ ରୋଡ୍‌କୁ କୌଣସି ଗାଡିକୁ ଛଡାଯାଉନାହିଁ । ଅପରପକ୍ଷରେ ମୋରାଇନ୍ ଡ୍ରାଇଭ୍ ରୋଡ୍‌ର ବିଜୁ ପଟ୍ଟନାୟକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଏକ ଷ୍ଟାଣ୍ଡ ପାଇଁ ଆୟୋଜକଙ୍କ ପକ୍ଷରୁ ଟେଣ୍ଡର ହୋଇଛି । ବଡପଡିଆ ପଡିଆ ଥାନା ଛକରୁ ରିକ୍ରେସନ୍ କ୍ଲବ୍ ପର୍ଯ୍ୟନ୍ତ ଦୀର୍ଘ ୨ କିଲୋମିଟର ରାସ୍ତାର ବାମ ପାର୍ଶ୍ୱରେ କଲୋନୀମାନ ରହିଛି । ଏହି କଲୋନୀର ପ୍ରବେଶ ଦ୍ୱାରା ଷ୍ଟାଣ୍ଡର ପରିଚାଳନାରେ ଥିବା ଯୁବକମାନେ ରହିବା ସହିତ ପୋଲିସ୍‌ର ବ୍ୟାରିକେଟ୍ ପକାଇ ରାସ୍ତା ଅବରୋଧ କରୁଛନ୍ତି । ଯାହା ଦ୍ୱାରା କଲୋନୀ ରାସ୍ତା ସଂକୁଚିତ ହେଉଛି । କଲୋନୀକୁ ଯାଉଥିବା ଲୋକମାନେ ଏଥି ପାଇଁ ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି । ବନ୍ଦରରେ କାମ କରୁଥିବା କର୍ମଚାରୀମାନେ କାର୍ଯ୍ୟ ସାରି ଘରକୁ ଫେରିବା ବେଳକୁ ଷ୍ଟାଣ୍ଡର ପରିଚାଳନାରେ ଥିବା ଯୁବକମାନେ ସେମାନଙ୍କୁ ମଧ୍ୟ ଫେରାଇ ଦେଉଥିବା ଗୁରୁବାର ଦିନ ଦେଖିବାକୁ ମିଳିଛି । ଏମ୍ପାୟାର୍ସ ଛକ ନିକଟରେ ବାଇକ୍ ଷ୍ଟାଣ୍ଡ ଯୁବକଙ୍କ ଦବଙ୍ଗଗରିରି ସବୁଠୁ ଅଧିକା ଦେଖିବାକୁ ମିଳିଥିଲା । ଲୋକମାନଙ୍କୁ ଜୋରଜବରଦସ୍ତ ଟାଣିକି ନେଇ ସେମାନଙ୍କ ବାଇକ୍‌କୁ ଷ୍ଟାଣ୍ଡରେ ରଖିବାକୁ ବାଧ୍ୟ କରାଯାଉଛି । ନିକଟରେ ଥିବା ପୋଲିସ୍ କର୍ମଚାରୀମାନେ ସେଠାରେ ଉପସ୍ଥିତ ଥିଲେ ବି ସେମାନେ କୌଣସି ପ୍ରକାର ବିରୋଧ ମଧ୍ୟ କରୁନାହାନ୍ତି । ଅଶାଳୀନ ଭାବେ ଷ୍ଟାଣ୍ଡର ପରିଚାଳନାରେ ଥିବା ଯୁବକମାନେ କାର ଓ ବାଇକ୍‌କୁ ସେମାନଙ୍କ ଷ୍ଟାଣ୍ଡରେ ରଖିବାକୁ ଜୁଲମ୍ କରୁଛନ୍ତି । ନୂଆବଜାର କଲୋନୀରେ ରହୁଥିବା ଜନୈକ ଠିକାଦାର ପ୍ରମୋଦ କୁମାର ସାମଲ ଘରକୁ ଏହି ରାସ୍ତାରେ ସବୁଦିନ ପରି ଗୁରୁବାର ଅପରାହ୍ନରେ ଫେରୁଥିବା ସମୟରେ ଷ୍ଟାଣ୍ଡର ପରିଚାଳନାରେ ଥିବା ଯୁବକମାନେ ତାଙ୍କୁ ଜୋରଜବରସ୍ତ ଘରକୁ ଛାଡି ନଥିଲେ । ବାଧ ହୋଇ ଶ୍ରୀ ସାମଲ ଫେରି ଯାଇଥିବା ଦେଖିବାକୁ ମିଳିଥିଲା । ଲକ୍ଷ୍ମୀ ଟେ ହାଉସର ମାଲିକ ମନୋଜ କୁମାର ସ୍ୱାଇଁ ଓ ଭବାନୀ ଟେ ହାଉସ୍‌ର ମାଲିକ ଉଭୟେ ସେମାନଙ୍କ ପରିବାର ସହିତ ଯାଉଥିବା ବେଳେ ଷ୍ଟାଣ୍ଡର ପରିଚାଳନାରେ ଥିବା ଯୁବକମାନେ ସେମାନଙ୍କୁ ଅଟକାଇ ଫେରିଯିବାକୁ ବାଧ କରିଥିଲେ । ଗାଡିର ରଖି ପିଲାଛୁଆଙ୍କ ସହିତ ଦୁଇ କିଲୋମିଟର ଚାଲିଚାଲି ଯିବାକୁ ବାଧ ହେଉଛନ୍ତି ବାହାରୁ ଗାଡି ଭଡା କରି ଆସୁଥିବା ଲୋକମାନେ । କେହି କେହି ଏହା ଦେଖି ବାଲିଯାତ୍ରା ନଦେଖି ଫେରି ଯାଉଛନ୍ତି ।

## ଇଫକୋ ପାରାଦୀପ ୟୁନିଟରେ ସତର୍କତା ସଚେତନତା ସପ୍ତାହ ପାଳିତ

ପାରାଦୀପ,(ପି.ଏନ): ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ନଭେମ୍ବର ୩ ଏବଂ ୪ ତାରିଖ ଦୁଇଦିନ ଧରି 'ସତର୍କତା - ଆମର ସହଭାଗୀ ଦାୟିତ୍ୱ' ଜାତୀୟ ବିଷୟବସ୍ତୁ ସହିତ ସତର୍କତା ସଚେତନତା ସପ୍ତାହ ୨୦୨୫ ପାଳିତ ହୋଇଯାଇଛି, ଯାହା କାର୍ଯ୍ୟର ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ଅଖଣ୍ଡତା ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ । ଇଫକୋର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାକେଶ କପୁରଙ୍କ ଦ୍ୱାରା ପରିଚାଳିତ ସତର୍କତା ସପଥପାଠ ସହିତ ନଭେମ୍ବର ୩ ତାରିଖରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଅଧିବେଶନ ପରେ ଏକ ଅନଲାଇନ୍ ୱେବିନାର ମାଧ୍ୟମରେ ସତର୍କତା ସଚେତନତା ଅଭିଯାନ ୨୦୨୫ ର ଆନୁଷ୍ଠାନିକ ଉଦଘାଟନ କରାଯାଇଥିଲା ଯେଉଁଠାରେ ଶ୍ରୀ କପୁର ଦେଶବ୍ୟାପୀ ସମସ୍ତ ଇଫକୋ କର୍ମଚାରୀଙ୍କୁ ସମ୍ବୋଧିତ କରିଥିଲେ



ଏବଂ ସେମାନଙ୍କୁ ନୈତିକ ମୂଲ୍ୟବୋଧ ଅନୁସରଣ କରିବାକୁ ଏବଂ ସାଂଗଠନିକ କାର୍ଯ୍ୟଶୈଳୀରେ ସଚେତନ ରହିବାକୁ ଅନୁରୋଧ କରିଥିଲେ । ଇଫକୋର ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀମତୀ ପୂଜା କୋହଲି ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ ଇଫକୋର ଅଧ୍ୟକ୍ଷ ଦିଲୀପ ସଂଘାନୀଙ୍କ ବାର୍ତ୍ତା ପାଠ କରିଥିଲେ, ଏବଂ ସଚେତନତାକୁ ସୁଦୃଢ଼ କରିବାରେ କର୍ମଚାରୀଙ୍କ ସାମୂହିକ ଭୂମିକା ଉପରେ ଆଲୋକପାତ କରିଥିଲେ । ଦୁଇ ଦିନିଆ ଏହି କାର୍ଯ୍ୟକ୍ରମ ମଧ୍ୟରେ, ବିଭିନ୍ନ ଅଂଶଗ୍ରହଣକାରୀ ଗୋଷ୍ଠୀ ମଧ୍ୟରେ ସୃଜନଶୀଳତା ଏବଂ ଉତ୍ସାହ ପ୍ରଦର୍ଶନ କରି ଏକ ସ୍ପନ୍ଦନଶୀଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କର୍ମଚାରୀ ଏବଂ ସେମାନଙ୍କର ପରିବାର ପାଇଁ ପୃଥକ ଭାବରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନବମ ରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା କର୍ମଚାରୀ ପିଲାମାନଙ୍କ ପାଇଁ ଏକ ଇଂରାଜୀ ପ୍ରବନ୍ଧ ଲେଖା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଏବଂ କର୍ମଚାରୀମାନଙ୍କ ପାଇଁ ଏକ ହିନ୍ଦୀ ପ୍ରବନ୍ଧ ଲେଖା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଇଫକୋ ପାରାଦୀପ ଡିଏଭି ସ୍କୁଲରେ ପିଲାମାନଙ୍କ ପାଇଁ ଏକ ପୋଷ୍ଟର ପ୍ରତିଯୋଗିତା ଏବଂ ଇଂରାଜୀ, ହିନ୍ଦୀ ଏବଂ ଓଡ଼ିଆ ଭାଷାରେ ଏକ ବହୁଭାଷୀ ସ୍ଲୋଗାନ ପ୍ରତିଯୋଗିତା ସାଧାରଣରେ ଉତ୍ସାହ ବୃଦ୍ଧି କରିଥିଲା । କାର୍ଯ୍ୟକ୍ରମରେ ଉତ୍ସାହୀ ଅଂଶଗ୍ରହଣ ଏବଂ ସମସ୍ତ ବର୍ଗରୁ ଉଲ୍ଲେଖନୀୟ ପ୍ରତିଭା ଦେଖିବାକୁ ମିଳିଥିଲା । ୪ ନଭେମ୍ବରରେ ଅନୁଷ୍ଠିତ ସମାପନୀ କାର୍ଯ୍ୟକ୍ରମରେ ଇଫକୋ ପାରାଦୀପର ୟୁନିଟ୍ ମୁଖ୍ୟ ପି.କେ. ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଉପସ୍ଥିତ ଦର୍ଶକଙ୍କୁ ସମ୍ବୋଧିତ କରି, ସେ ଏକ ଶକ୍ତିଶାଳୀ ସଂଗଠନ ଏବଂ ରାଷ୍ଟ୍ର ଗଠନ ପାଇଁ ଦୈନନ୍ଦିନ ସତର୍କତା, ସଚ୍ଚୋଟତା ଏବଂ ନୈତିକ କାର୍ଯ୍ୟ ସଂସ୍କୃତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

## ପୂର୍ବ ଭାରତର ପ୍ରମୁଖ ଇଣ୍ଡଷ୍ଟ୍ରିଆଲ ମେଶିନେରୀ ଓ ଇନିୟରିଂ ଏକ୍ସପୋ ଓଡିଶାର ଉତ୍ପାଦନ କ୍ଷେତ୍ରକୁ ରୂପାନ୍ତର କରିବା ପାଇଁ ପ୍ରସ୍ତୁତ

ଭୁବନେଶ୍ୱର,(ପି.ଏନ) : ଭୁବନେଶ୍ୱରର ବରମୁଣ୍ଡା ପଡିଆଠାରେ ନଭେମ୍ବର ୭ରୁ ୯ ତାରିଖ, ୨୦୨୫ ପର୍ଯ୍ୟ' ଏକ ତିନି ଦିନିଆ ମେଗା ଇଣ୍ଡଷ୍ଟ୍ରିଆଲ ଇଭେଂଟ ଇଣ୍ଡୋମାକ୍ ଭୁବନେଶ୍ୱର ୨୦୨୫ ଆୟୋଜିତ ହୋଇଛି । ଏହି ପ୍ରଦର୍ଶନୀକୁ ଓଡିଶା ସ୍ମଲ ସ୍କେଲ ଇଣ୍ଡଷ୍ଟ୍ରିଜ ଆସୋସିଏଶନ (ଓଏସଏସଆଇଏ) ସହ ସହଭାଗିତାରେ ଇଣ୍ଡୋମାକ୍ ବିଜ୍‌ନେସ୍ ସଲ୍ୟୁଶନ୍ସ ଦ୍ୱାରା ଆୟୋଜନ କରାଯାଇଛି । ଏହି ବି୨ବି ଇଣ୍ଡଷ୍ଟ୍ରିଆଲ ମେଶିନେରୀ ଓ ଇନିୟରିଂ ଏକ୍ସପୋ ଭାରତର ଉତ୍ପାଦନ ଓ ନିର୍ମାଣ କ୍ଷେତ୍ର ପାଇଁ ଏକ ଉଲ୍ଲେଖନୀୟ ଏକତ୍ରିକରଣ ହେବା ପାଇଁ ପ୍ରତିଶ୍ରୁତି ଦେଉଛି । ଏହି ପ୍ରଦର୍ଶନୀରେ ଦେଶବ୍ୟାପୀ ୧୫୦ରୁ ଅଧିକ ପ୍ରତିଷ୍ଠିତ କମ୍ପାନୀ ଅଂଶଗ୍ରହଣ କରିଛନ୍ତି ଯିଏକି ଏକାଧିକ ଶିଳ୍ପ କ୍ଷେତ୍ରର ପ୍ରତିନିଧିତ୍ୱ କରୁଛନ୍ତି । ଭୁବନେଶ୍ୱର, କଟକ, ରାଉରକେଲା, ଝାରସୁଗୁଡା, ଅନୁଗୁଳ ଏବଂ ପୂର୍ବ ଭାରତ ଭଳି ପ୍ରମୁଖ ଶିଳ୍ପ କେନ୍ଦ୍ରଗୁଡିକରୁ ୧୫୦୦୦ରୁ ଅଧିକ ବ୍ୟବସାୟିକ ପରିଦର୍ଶକ ଏହି ପ୍ରଦର୍ଶନୀରେ ଯୋଗ ଦେବେ ବୋଲି ଆଶା କରାଯାଉଥିବା ବେଳେ, ଏହି କାର୍ଯ୍ୟକ୍ରମ ଅଂଚଳରେ ସାର୍ଥକ ବ୍ୟବସାୟିକ ସଂଯୋଗ ବିକଶିତ କରିବା ଏବଂ ଶିଳ୍ପ ଅଭିବୃଦ୍ଧିକୁ ଆଗକୁ ବଢାଇବା ପାଇଁ ଲକ୍ଷ୍ୟ ରଖିଛି । ଏସମ୍ପର୍କରେ ଇଣ୍ଡୋମାକ୍ ବି୨ବି ଇଣ୍ଡଷ୍ଟ୍ରିଆଲ ଆଣ୍ଡ ମେଶିନେରୀ ଏକ୍ସପୋ ୨୦୨୫ର ନିର୍ଦ୍ଦେଶକ ମନିଷ ସିହ୍ନା କହିଛନ୍ତି, 'ଡିଲର ଓ ଡିଷ୍ଟ୍ରିବ୍ୟୁଟରଙ୍କ ସମେତ ରାଜ୍ୟର ଶିଳ୍ପଗୁଡିକ ଏହି ଦୁଇ ଦିନିଆ ଇଭେଂଟରୁ ବହୁମାତ୍ରାରେ ଉପକୃତ ହେବେ । ପ୍ରଦର୍ଶନୀରେ ୧୧୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ଦ୍ୱାରା ବିଭିନ୍ନ ଆଧୁନିକ ଟେକ୍ନୋଲୋଜି ଓ ଯନ୍ତ୍ରପାତି ପ୍ରଦର୍ଶନ କରାଯିବ ।' ସେହିପରି ଓଡିଶା




ସ୍ମଲ ସ୍କେଲ ଇଣ୍ଡଷ୍ଟ୍ରିଜ ଆସୋସିଏଶନ (ଓଏସଏସଆଇଏ)ର ଅଧ୍ୟକ୍ଷ ସମରଜିତ ମହାନ୍ତି କହିଛନ୍ତି, 'ଓଡିଶାରେ ଏହା ହେଉଛି ପ୍ରଥମ ଏକ୍ସପୋ ଯେଉଁଠାରେ ଇନିୟରିଂ ଓ ମେଶିନେରୀ ସାମଗ୍ରୀଗୁଡିକୁ ପ୍ରଦର୍ଶିତ କରାଯାଉଛି । ଏହା ଆମର ଏମଏସଏମଇଗୁଡିକ ପାଇଁ ଲାଭଦାୟକ ହେବ । ଆମେ ଏହି ଇଭେଂଟର ଆୟୋଜନ କରିବା ପାଇଁ ଇଣ୍ଡୋମାକ୍ ସହ ସହଯୋଗିତା କରି ଗର୍ବିତ ଅନୁଭବ କରୁଛୁ ।' ଇଣ୍ଡୋମାକ୍‌ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁଧୀର ଭୋଲେ, ଶ୍ରୀଯୁକ୍ତ ମନିଷ ସିହ୍ନା, ଶ୍ରୀଯୁକ୍ତ ସଚିନ ଶର୍ମା ଓ ଶ୍ରୀଯୁକ୍ତ ସୁମିତ ପୋରୱାଲ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଥିଲେ ।

ଇଣ୍ଡୋମାକ୍ ଭୁବନେଶ୍ୱର ୨୦୨୫ ହେଉଛି ନୂତନ ଯନ୍ତ୍ରପାତି, ଇନିୟରିଂ ପ୍ରଡକ୍ଟ, ଅଟୋମେଶନ ଟେକ୍ନୋଲୋଜି ଓ ମାନୁଫ୍ୟାକ୍‌ଚରିଂ ସଲ୍ୟୁଶନଗୁଡିକୁ ପ୍ରଦର୍ଶିତ କରୁଥିବା ଏକ ପ୍ରିମିୟମ ଇଣ୍ଡଷ୍ଟ୍ରିଆଲ ପ୍ଲାଟଫର୍ମ । ଏହି ଇଭେଂଟ ଏକ ଗତିଶୀଳ ପରିବେଶ ପ୍ରଦାନ କରୁଛି ଯେଉଁଠାରେ ଉତ୍ପାଦନକାରୀ, ଯୋଗାଣକାରୀ, ବ୍ୟବସାୟୀ ଓ ଶିଳ୍ପର କ୍ରେତାମାନେ ନୂଆ ବ୍ୟବସାୟିକ ସୁଯୋଗ ଓ ସହଭାଗିତାଗୁଡିକୁ ଅନ୍ୱେଷଣ କରିବା ପାଇଁ ଗୋଟିଏ ଛାତ ତଳେ ଏକତ୍ରିତ ହୋଇଛନ୍ତି । ପରିଦର୍ଶକମାନେ ଏଠାରେ ଲାଇଭ ମେଶିନେରୀ ପ୍ରଦର୍ଶନ, ନୂଆ ଉତ୍ପାଦ ଲଂଚ ଓ ଏକ୍ସକ୍ଲୁସିଭ ବି୨ବି ନେଟ୍‌ୱର୍କିଂ ସେଶନଗୁଡିକର ଅନୁଭୂତି ପାଇପାରିବେ ଯାହା ଭାରତର ଶିଳ୍ପ ଓ ଉତ୍ପାଦନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଭବିଷ୍ୟତକୁ ହାଇଲାଇଟ କରୁଛି । ଏହି ଏକ୍ସପୋରେ ଅଶୋକ ଲେଲ୍ୟାଣ୍ଡ, ତାପାରିଆ ଟୁଲ୍‌ସ ଲିମିଟେଡ, ମେହତା ହାଇଟେକ ଇଣ୍ଡଷ୍ଟ୍ରିଜ ଲିମିଟେଡ, ମିସର କଟିଙ୍ଗ ସିଷ୍ଟମସ ଇଣ୍ଡିଆ ପ୍ରା.ଲିଃ, ପଲିମାକ ଟୁଲ୍‌ସ ପ୍ରା.ଲିଃ, ସାଲଜର ଇଲେକ୍‌ଟ୍ରୋନିକ୍ସ ଲିଃ, ଏଫଏସ କମ୍ପ୍ରେସର୍‌ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ସହଜାନନ୍ଦ ଲେଜର ଟେକ୍ନୋଲୋଜି ଲିମିଟେଡ, ପାୱାର ୱାନ ମାଇକ୍ରୋ ସିଷ୍ଟମ୍‌ସ ପ୍ରା.ଲିଃ, ମଡ୍ୟୁଲାର କ୍ରେନ ମାନୁଫ୍ୟାକ୍‌ଚରିଂ କମ୍ପାନୀ, ଏସ୍ କାୱାସାକି କ୍ରେନ ଇଣ୍ଡିଆ ଲିଃ, ସର୍ଜଟେକ୍ ଏନର୍ଜି ପ୍ରା.ଲିଃ, ଇକୋଏୟାର ଏଂଟରପ୍ରାଇଜେସ, ରାଡିଟେକ ହାଇଡ୍ରୋମାଟିକ୍ସ ପ୍ରା.ଲିଃ, ପିୱାଗ ଇଣ୍ଡିଆ ପ୍ରା.ଲିଃ, ଷ୍ଟାଟଫିଲ୍ଡ ଇଣ୍ଡିଆ ପ୍ରା.ଲିଃ, ଟାଲି ସଲ୍ୟୁଶନ୍ସ ପ୍ରା.ଲିଃ, ଓଜସ୍ୱୀ ମେଶିନ୍ସ ପ୍ରା.ଲିଃ, ଏୟାରୱେଲ ସିଷ୍ଟମସ, ଶୃଜନ ଇଣ୍ଡଷ୍ଟ୍ରିଜ ଏଲଏଲପି, ପ୍ଲାନେଟ ପାୱାର ଟୁଲସ, ଡିଇଇ ବିଇଇ ଏଂଟରପ୍ରାଇଜେସ, ଟପ କ୍ରେନ ସିଷ୍ଟମସ ପ୍ରା.ଲିଃ, ବି ଆର ଇଲେକ୍‌ଟ୍ରିକାଲ୍ସ, ହରିପ୍ରିୟା ଇନ୍‌ଷ୍ଟ୍ରୁମେଂଟସ, ଶ୍ରଦ୍ଧା ଫିଲ୍ଟର ଟେକ୍ନୋଲୋଜି, ପ୍ରଗତି ଇଣ୍ଡଷ୍ଟ୍ରିଜ, ଏସ.ବି. ଇଲେକ୍‌ଟ୍ରୋଟେକ୍, ହିବେନ ଟେକ୍ନୋଭେଶନ ପ୍ରା.ଲିଃ, ରେଲିୟନ ସଫ୍ଟେକ ଲିମିଟେଡ ଭଳି କମ୍ପାନୀ ଅଂଶଗ୍ରହଣ କରିଛନ୍ତି । ଏହି କମ୍ପାନୀଗୁଡିକ ମେଶିନ ଟୁଲ୍‌ସ, ଅଟୋମେଶନ, ରୋବୋଟିକ୍ସ, ହାଇଡ୍ରୋଲିକ୍ସ, ନ୍ୟୁମାଟିକ୍ସ, ଇଲେକ୍‌ଟ୍ରିକାଲ୍ସ, ୱେଲ୍ଡିଙ୍ଗ, ଇଣ୍ଡଷ୍ଟ୍ରିଆଲ ଇକ୍ୱିପମେଂଟ ଓ ମ୍ୟାଟେରିଆଲ ହ୍ୟାଣ୍ଡଲିଙ୍ଗ ସିଷ୍ଟମ୍‌ସ କ୍ଷେତ୍ରରେ ଅତ୍ୟାଧୁନିକ ଉଦ୍ଭାବନଗୁଡିକୁ ପ୍ରଦର୍ଶିତ କରିବେ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray